# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**27 July – 2024**

# ନୀତି ଆୟୋଗ ବୈଠକ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ନୂଆଦିଲ୍ଲୀରେ ଆଜି ନୀତି ଆୟୋଗ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହେବ । ବୈଠକରେ ଯୋଗଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୂଆଦିଲ୍ଲୀ ଯାଇଛନ୍ତି । ରାଜ୍ୟର ବିଭିନ୍ନ ପ୍ରସଙ୍ଗକୁ ନେଇ ମୁଖ୍ୟମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀମାନଙ୍କ ସହ ଆଲୋଚନା କରିବାର ମଧ୍ୟ କାର୍ଯ୍ୟକ୍ରମ ରହିଛି ।

# ଅଗ୍ନିବୀର-ରାଜ୍ୟ ସରକାର

ରାଜ୍ୟ ସରକାର ଯୋଗ୍ୟତା ଆଧାରରେ ସେନାବାହିନୀରେ ଭର୍ତ୍ତି ହୋଇନଥିବା ଅଗ୍ନିବୀରମାନଙ୍କୁ ରାଜ୍ୟର ୟୁନିଫର୍ମ ସେବାରେ ନିଯୁକ୍ତି ପାଇଁ ୧୦ ପ୍ରତିଶତ ପର୍ଯ୍ୟନ୍ତ ସଂରକ୍ଷଣ ବ୍ୟବସ୍ଥା କରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ସରକାରଙ୍କ ନିଷ୍ପତ୍ତି ଅନୁସାରେ ନିଯୁକ୍ତି କ୍ଷେତ୍ରରେ ଅଗ୍ନିବୀରମାନଙ୍କୁ ୫ ବର୍ଷ ପର୍ଯ୍ୟନ୍ତ ବୟସସୀମା କୋହଳ କରିବା ପାଇଁ ନିଷ୍ପତ୍ତି ହୋଇଛି । ସୂଚନାଯୋଗ୍ୟ କେନ୍ଦ୍ର ସରକାର ୨୦୨୨ ମସିହା ଜୁନ୍ ମାସ ୧୪ ତାରିଖରେ ସେନାବାହିନୀରେ ନିଯୁକ୍ତି ଲାଗି ଅଗ୍ନିପଥ ଯୋଜନା ଆରମ୍ଭ କରିଛନ୍ତି ।

## ଗୃହକମିଟି ଗଠନ

ବିଧାନସଭା ଗୃହ କାର୍ଯ୍ୟକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ସୁରମା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଗୃହକାର୍ଯ୍ୟ ପରାମର୍ଶଦାତା କମିଟି ଗଠନ କରାଯାଇଛି । ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ସମେତ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ସଂସଦୀୟ ବ୍ୟାପାର ମନ୍ତ୍ରୀ ମୁକେଶ ମହାଲିଙ୍ଗ, ସରକାରୀଦଳର ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ ଏବଂ ବରିଷ୍ଠ ବିଜେପି ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଏହି କମିଟିର ସଦସ୍ୟ ଅଛନ୍ତି ।

## ରାୟଗଡ଼ା ରେଳ ଡିଭିଜନ

ରାୟଗଡ଼ାରେ ଏକ ରେଳ ଡିଭିଜନ ପ୍ରତିଷ୍ଠା ନେଇ ରେଳ ମନ୍ତ୍ରଣାଳୟ ପକ୍ଷରୁ ୭୦ କୋଟି ଟଙ୍କା ଦିଆଯାଇଛି ବୋଲି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ କୁମାର ବୈଷ୍ଣବ କହିଛନ୍ତି । ରାୟଗଡ଼ା ରେଳ ମଣ୍ଡଳ ପ୍ରତିଷ୍ଠା ପାଇଁ ଯୋଜନା ପ୍ରସ୍ତୁତି ଚାଲିଛି । ଡିଜାଇନ୍ ଏବଂ ଯୋଜନାର ସଂପୂର୍ଣ୍ଣ ହେବା ପରେ ରାୟଗଡ଼ାରେ ରେଳ ଡିଭିଜନ ପ୍ରତିଷ୍ଠା ନେଇ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି ରେଳମନ୍ତ୍ରୀ କହିଛନ୍ତି । ସୂଚନାଯୋଗ୍ୟ ୨୦୧୯-୨୦ ଆର୍ଥିକ ବର୍ଷ ବଜେଟ୍‌ରେ ତତ୍କାଳୀନ ରେଳମନ୍ତ୍ରୀ ପୀୟୁଷ ଗୋୟଲ ରାୟଗଡ଼ା ରେଳ ଡିଭିଜନ ପ୍ରତିଷ୍ଠା ନେଇ ଘୋଷଣା କରିଥିଲେ ।

# ଶିଳ୍ପ ପ୍ରକଳ୍ପ ଅନୁମୋଦନ

ରାଜ୍ୟରେ ୨୦୨୦ରୁ ୨୦୨୪ ମସିହା ମାର୍ଚ୍ଚ ମାସ ପର୍ଯ୍ୟନ୍ତ ୫ ବର୍ଷ ମଧ୍ୟରେ ମୋଟ୍ ୧୧ଲକ୍ଷ ୮୫ ହଜାର ୨୮୧ କୋଟି ଟଙ୍କାର ପୁଞ୍ଜି ନିବେଶରେ ସମୁଦାୟ ୫୧୨ଟି ବୃହତ ଶିଳ୍ପ ପ୍ରକଳ୍ପକୁ ଅନୁମୋଦନ ମିଳିଛି । ବିଧାନସଭାରେ ତଥ୍ୟ ରଖି ରାଜ୍ୟ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି ଏହି ଶିଳ୍ପ ଗୁଡ଼ିକରେ ୫ ଲକ୍ଷ ୭୧ ହଜାର ୩୦୩ଟି ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ନେଇ ଆକଳନ କରାଯାଇଛି । ବର୍ତ୍ତମାନ ସୁଦ୍ଧା ୩୦ଟି ବୃହତ ପ୍ରକଳ୍ପ  କାର୍ଯ୍ୟକ୍ଷମ କିମ୍ବା ଆଂଶିକ କାର୍ଯ୍ୟକ୍ଷମ ହୋଇଛି ।

# ଓଡ଼ିଆ ଭାଷା ବ୍ୟବହାର

କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଏହାର ନିର୍ଦ୍ଦେଶାଳୟ  ଏବଂ ଏହି ବିଭାଗ ଅଧୀନରେ ଥିବା ସମସ୍ତ କାର୍ଯ୍ୟାଳୟ ଗୁଡ଼ିକରେ ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର କରିବା ନେଇ ବିଭାଗୀୟ ପ୍ରମୁଖ ସଚିବ ଡକ୍ଟର ଅରବିନ୍ଦ ପାଢ଼ୀ ନିର୍ଦ୍ଦେଶ ଦେଇଛନ୍ତି । ସରକାରୀ ସ୍ତରରେ ଉପଯୁକ୍ତ ଜ୍ଞାନକୌଶଳର ଉପଯୋଗ କରି ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାର, ସହଜ, ସରଳ ଓ ସୁଗମ କରିବା ନିମନ୍ତେ ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି । ସୂଚନାଯୋଗ୍ୟ ରାଜ୍ୟ ସରକାର ୧୯୫୪ ମସିହାରୁ ଓଡ଼ିଆ ଭାଷାକୁ ସରକାରୀ ଭାଷା ଭାବରେ ବ୍ୟବହାର କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଥିଲେ ।

# ବୟନିକା କେନ୍ଦ୍ର ଉଦ୍‌ଘାଟିତ

ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗତକାଲି ବୟନିକାର ଏକ ସ୍ୱତନ୍ତ୍ର ବିକ୍ରୟ କେନ୍ଦ୍ର ଉଦ୍‌ଘାଟନ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବୟନିକାର ଏହି  ବିକ୍ରୟ କେନ୍ଦ୍ର ଓଡ଼ିଶାର ପାରମ୍ପରିକ ହସ୍ତତନ୍ତର ଗରିମାକୁ ରାଜ୍ୟ ଓ ଦେଶ ବାହାରେ ପ୍ରତିପାଦିତ କରିବା ପାଇଁ ସହାୟକ ହେବ । ନୂତନ ଉଦ୍‌ଘାଟିତ ବୟନିକା କେନ୍ଦ୍ରରେ ୭ ଦିନ ପର୍ଯ୍ୟନ୍ତ ସ୍ୱତନ୍ତ୍ର ରିହାତିର ବ୍ୟବସ୍ଥା କରାଯାଇଛି ।

# ପାଠ୍ୟକ୍ରମ-ନାମଲେଖା

ସ୍ନାତୋକତ୍ତର ଶିକ୍ଷା-ଏମ୍.ଏଡ୍.ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି ପ୍ରବେଶିକା ପରୀକ୍ଷା ହେଉଛି । ସେହିଭଳି  ଆସନ୍ତାକାଲି ବି.ଏଡ୍. ଏବଂ ବି.ଏଚ୍.ଏଡ୍. ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ । ରାଜ୍ୟର ୩୧ଟି ଶିକ୍ଷାନୁଷ୍ଠାନର ୨ହଜାର ୭୫୦ ସିଟ୍‌ରେ ଏହି ତିନୋଟି ପାଠ୍ୟକ୍ରମରେ ନାମଲେଖା ପାଇଁ ୯୫ ହଜାର ୧୧୬ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ନେଇ ସାମ୍ସ ଓଡ଼ିଶା ପକ୍ଷରୁ କୁହାଯାଇଛି ।

# ସିଟି ପାଠ୍ୟକ୍ରମ ନାମଲେଖା

ଡିପ୍ଲୋମା ଇନ୍ ଏଲିମେଣ୍ଟାରୀ ଏଜୁକେଶନ ବା ସିଟି ପାଠ୍ୟକ୍ରମ ନାମଲେଖା ପାଇଁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି । ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ବିଜ୍ଞପ୍ତି ଅନୁସାରେ

ଆସନ୍ତା ଅଗଷ୍ଟ ମାସ ୧୫ ତାରିଖ ପର୍ଯ୍ୟନ୍ତ ସାମ୍ସ ୱେବ୍ସାଇଟ୍ରେ ପ୍ରାର୍ଥୀମାନେ ଆବେଦନ କରିପାରିବେ ।

# ସମ୍ବଲପୁର-ଫ୍ୟାଲେରିଆ ଔଷଧ ସେବନ

ସମ୍ବଲପୁର ମହାନଗର ନିଗମ କମିଶନ ପକ୍ଷରୁ ସହରାଞ୍ଚଳ ସ୍ୱାସ୍ଥ୍ୟ ମିଶନ ଅଧୀନରେ ଫ୍ୟାଲେରିଆ ସାମୂହିକ ଔଷଧ ସେବନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ମହାନଗର ନିଗମ ପକ୍ଷରୁ  ଗତକାଲି ହୋଇଥିବା ବୈଠକରେ ଲିମ୍ଫାଟିକ୍ ଫ୍ୟାଲେରିଆ ନିରାକରଣ, ଗଣଔଷଧ ଉପରେ ପ୍ରଶାସନର ଗୁରୁତ୍ୱ ଦିଆଯିବା ସହିତ ଆନ୍ତଃ କ୍ଷେତ୍ରୀୟ ସମନ୍ୱୟ ଏବଂ ପ୍ରଶିକ୍ଷଣ ଉପରେ ଆଲୋଚନା କରାଯାଇଥିଲା ।

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଲଘୁଚାପ ବର୍ତ୍ତମାନ ବାଂଲାଦେଶ ଉପକୂଳ ଓ ଗାଙ୍ଗେୟ ଉପତ୍ୟକା ଉପରେ ସକ୍ରିୟ ରହିଛି । ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବାର ସମ୍ଭାବନା ରହିଥିବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ଅନ୍ୟପକ୍ଷରେ ବର୍ଷା ଯୋଗୁଁ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ୧୩ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ସୂଚନା ଜାରି କରାଯାଇଛି ।